# କେନ୍ଦ୍ର ସାହିତ୍ୟ ଏକାଡେମୀର ଗ୍ରାମାଲୋକ କାର୍ଯ୍ୟକ୍ରମ



**କୋରାପୁଟ,୬।୩(ସମିସ):** ଦଶମନ୍ତପୁର ବ୍ଲକ୍ ପୋଡ଼ାଗଡ଼ ନିକଟସ୍ଥ କେ.ନୂଆଗୁଡ଼ାର ବ୍ରାଉନ ଭ୍ୟାଲି କଫି ବଗିଚାରେ କେନ୍ଦ୍ର ସାହିତ୍ୟ ଏକାଡେମୀ ଏବଂ କୋରାପୁଟ ସାହିତ୍ୟ ପରିବାରର ମିଳିତ ଆନୁକୂଲ୍ୟରେ ଏକ ମନୋଜ୍ଞ ସାହିତ୍ୟ ଆସର 'ଗ୍ରାମାଲୋକ' ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ କୋରାପୁଟ ଜିଲ୍ଲାର ବହୁ ବିଶିଷ୍ଟ ଗାଳ୍ପିକ, କବି, ଲେଖକ ଓ ସମାଲୋଚକ ଯୋଗଦେଇ ସ୍ୱରଚିତ କବିତା ଓ ଗଳ୍ପପାଠ କରିଥିଲେ। ବିଶିଷ୍ଟ ଗାଳ୍ପିକ ପ୍ରଫେସର ନାରାୟଣ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରଥମ ଅଧିବେଶନରେ କେନ୍ଦ୍ର ସାହିତ୍ୟ ଏକାଡେମୀର ଓଡ଼ିଆ ପରାମର୍ଶଦାତା ମଣ୍ଡଳୀର ସଦସ୍ୟା ଡ.ପ୍ରୀତିଧାରା ସାମଲ ସ୍ୱାଗତ ଭାଷଣ ଦେବା ସହ କାର୍ଯ୍ୟକ୍ରମ ସମ୍ପର୍କିତ ସୂଚନା ପ୍ରଦାନ କରିଥିଲେ। କବି ରବି ଶତପଥି, ବିଜୟ କୁମାର ପ୍ରଧାନ, ଚକ୍ରପାଣି ପରିଛା, ମାଧୁରୀ ପଣ୍ଡା, ସିଏଚ୍. ସାନ୍ତାକାର ପ୍ରମୁଖ ସ୍ୱରଚିତ କବିତା ଓ ଗଳ୍ପ ପାଠ କରିଥିଲେ। ଦ୍ୱିତୀୟ ଅଧିବେଶନରେ ନଳିନୀରଞ୍ଜନ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାରୋହରେ ବିଶିଷ୍ଟ ସର୍ବୋଦୟ ନେତା କୃଷ୍ଣ ସିଂହ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଦ୍ୱିତୀୟ ଅଧିବେଶନରେ ଉଦୟଶଙ୍କର ଯାନୀ, ରଘୁନାଥ ବିଶ୍ୱାଳ, ଝାନ୍ସୀ ସିଂହ, ଅଜୟ କୁମାର ସାହୁ, ଡା.ଦେବୀପ୍ରସାଦ ଭଦ୍ର ଏବଂ ସ୍ନିଗ୍ଧାରାଣୀ ମିଶ୍ର ସ୍ୱରଚିତ କବିତା ଆବୃତ୍ତି କରିଥିଲେ। ଅନ୍ତିମ ଅଧିବେଶନରେ ଡ.ପ୍ରଦୀପ କୁମାର ମିଶ୍ର, ଡ. କମଳାକୃଷ୍ଣ ତ୍ରିପାଠୀ, ଡ. ଧୀରବ୍ରତ ପାତ୍ର, ପ୍ରଶାନ୍ତ କୁମାର ସ୍ୱାଇଁ, ଯଶୋବନ୍ତ ସେଠୀ, ଜଳଧର ସ୍ୱାଇଁ, ପ୍ରଭାତ କୁମାର ମହାପାତ୍ର, ଡ. ଅମରେଶ ସେନାପତି, ସରୋଜିନୀ ତ୍ରିପାଠୀ, ଡ. ଅଶୋକ କୁମାର ମହାନ୍ତି, ସୁଶାନ୍ତ ଦାଶ, ମୀର୍ ମୁସ୍ତାକୀମ୍ ଅଲ୍ଲୀ, ଅରୁଣ କୁମାର ସାହୁ, କମଳା ନାୟକ, ଡ. ସ୍ୱାତୀ ଚାଟାର୍ଜୀ, ଡ. ଚିତ୍ତରଞ୍ଜନ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଶେଷରେ ଉମେଶ ଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।